# ୪. ସର୍ପଗନ୍ଧା

ଓଡ଼ିଶାରେ ଯେଉଁ ୪୧ ଟି ଔଷଧୀୟ ଉଭିଦକୁ ବିଲୁପ୍ତ ପର୍ଯାୟରେ ଗଣନା କରାଯାଇଛି ତନ୍ମଧ୍ୟରେ ସର୍ପଗନ୍ଧା ଏକ ବିଲୁପ୍ତ ପ୍ରାୟ ଉଭିଦ | ଜଙ୍ଗଲରୁ ଏହାର ଛେରା ଗୁଡିକୁ ଅଧିକ ପରିମାଣରେ ସଂଗ୍ରହ କରିବା ଦ୍ଵାରା ଏହା ଏବେ ବିଲୁପ୍ତ ପ୍ରାୟ | ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ବ୍ୟବହାର ବହୁଳ ପରିମାଣରେ ହେଉଥିବାରୁ ଆବଶ୍ୟକତା ପୂରଣ ନିମନ୍ତେ ଏହାର ଚାଷ ନିତ୍ୟାନ୍ତ ଆବଶ୍ୟକ |

**ଉଭିଦ ପରିଚୟ**

ସର୍ପଗନ୍ଧା ଏକ ଅତ୍ୟନ୍ତ ଉପଯୋଗୀ ଉଭିଦ | ଏହା ୭୫ ସେ.ମି. ରୁ ୧ ମିଟର ଉଚ୍ଚତା ପର୍ଯନ୍ତ ବଢିଥାଏ | ଏହାର ମୂଳ ୦.୫ ରୁ ୨.୫ ସେ. ମି. ପର୍ଯନ୍ତ ବ୍ୟାସ ହୋଇଥାଏ, ଲମ୍ବା ୪୦ ରୁ ୬୦ ସେ.ମି. ପର୍ଯନ୍ତ ଲମ୍ବା ହୋଇଥାଏ | ଏଥିରେ ଲାଲ ଓ ଶ୍ଵେତ ରଙ୍ଗର ଫୁଲ ପେଛା ପେଛା ହୋଇ ଫୁଟି ଥାଏ | ଏହାର ଚେରରେ ପ୍ରଚୁର ପରିମାଣରେ Alakaloid ରହିଥାଏ ଯାହା ଅନିଦ୍ରା,ଉଚ୍ଚ ରକ୍ତଚାପ, ଉନ୍ମାଦ ଆଦି ରୋଗ ର ସଫଳ ଚିକିତ୍ସାରେ ପ୍ରୟୋଗ କରାଯାଏ |

ବେଙ୍ଗଲୀ ନାମ - ସୁଗନ୍ଧନକୁଳି

ଓଡ଼ିଆ ନାମ - ପାତାଳଗରୁଡ଼

ହିନ୍ଦୀ ନାମ - ନକୁଲିକନ୍ଦ

ସଂସ୍କୃତ ନାମ - ସର୍ପଗନ୍ଧା

ଇଂରାଜୀ ନାମ- Sepentina

**ଚାଷ ପ୍ରଣାଳୀ:**

**ମୃର୍ତ୍ତିକା ଓ ଜଳବାୟୁ:**

ଏହାର ଚାଷ ସାମାନ୍ୟ ଛାଇ ଜମିରେ ଭଲ ହୋଇଥାଏ, ବାର୍ଷିକ ୨୫୦ ରୁ ୫୦୦ ସେ. ମି. ବର୍ଷା ହେଉଥିବା ଅଂଚଳ, କୃଷ୍ଣ -କାର୍ପାସ ମୃର୍ତ୍ତିକା ଏବଂ ୬.୫ ପି.ଚ. ଏହାର ଚାଷ ନିମନ୍ତେ ଅନୁକୂଳ |

**ନର୍ସରୀ ପ୍ରସ୍ତୁତି/ ଚାରା ପ୍ରସ୍ତୁତି :**

ସର୍ପଗନ୍ଧା ର ଚାରା ପ୍ରସ୍ତୁତି ଏହାର କାଣ୍ଡ, ମୂଳ ଓ ମଞ୍ଜି ଦ୍ଵାରା କରାଯାଇଥାଏ କିନ୍ତୁ ଏହାର ମଞ୍ଜି ଦ୍ଵାରା ଚାରା ପ୍ରସ୍ତୁତି ଉତ୍ତମ ମାଧ୍ୟମ | ୧ ହେକ୍ଟର ଜମି ଚାଷ ନିମନ୍ତେ ୧୨୫୦ ବର୍ଗ ଫୁଟ ରୁ ୧୫୦୦ ବର୍ଗ ଫୁଟ

ଜମି ଦରକାର | ଜମି ପ୍ରସ୍ତୁତି ସମୟରେ ଶଢା ଗୋବର ଖତ ମିଶାଇ ନର୍ସରୀ ବେଡ଼ ପ୍ରସ୍ତୁତି କରିବାକୁ ହେବ | ଚାରା ପ୍ରସ୍ତୁତି ନିମନ୍ତେ ୬-୮ କିଲୋଗ୍ରାମ ମଞ୍ଜି ଆବଶ୍ୟକ ପଡିଥାଏ, କାରଣ ଉତ୍ତମ ଗୁଣଯୁକ୍ତ ମଞ୍ଜିରୁ ମାତ୍ର ୩୦-୪୦ ପ୍ରତିଶତ ଅଙ୍କୁରିତ ହୋଇଥାଏ | ଉତ୍ତମ ମଞ୍ଜି ଚିହ୍ନଟ ନିମନ୍ତେ ମଞ୍ଜି ଗୁଡିକୁ ପାଣିରେ ବତୁରାଇବାକୁ ହେବ | କିଛି ସମୟ ପରେ ଭଲ ମଞ୍ଜି ଗୁଡିକ ତଳେ ରହିଯିବ ଓ ଖରାପ ମଞ୍ଜି ଗୁଡିକ ଉପରେ ଭାସିବ | ଭାସୁଥିବା ମଞ୍ଜି ଗୁଡିକୁ ଅଲଗା କରି ଭଲ ମଞ୍ଜି କୁ ୨୪ ଘଣ୍ଟା ପର୍ଯନ୍ତ ବତୁରାଇବାକୁ ହେବ | ତାହା ପରେ ମଞ୍ଜି ଗୁଡିକୁ ପୂର୍ବ ପ୍ରସ୍ତୁତ  ନର୍ସରୀ ବେଡ଼ ରେ ୨-୩ ସେ. ମି. ଗଭୀରରେ ରୋପଣ କରିବାକୁ ହେବ | ୨୦ରୁ ୪୦ ଦିନ ମଧରେ ମଞ୍ଜି ଅଙ୍କୁରିତ ହୋଇଥାଏ | ଜୁଲାଇ ମାସ ମଧ ବେଳକୁ ଚାରା ମୁଖ୍ୟ କ୍ଷେତ ରେ ରୋପଣ ନିମନ୍ତେ ଉପଯୁକ୍ତ ହୋଇଥାଏ |

**ମୁଖ୍ୟ କ୍ଷେତ ପ୍ରସ୍ତୁତି:**

ସର୍ପଗନ୍ଧ ଚେର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ସର୍ପଗନ୍ଧା ଚେର ଉତ୍ତମ ବୃଦ୍ଧି ନିମନ୍ତେ କ୍ଷେତ କୁ ଭଲଭାବରେ ପ୍ରସ୍ତୁତି କରିବା ନିତ୍ୟାନ୍ତ ଆବଶ୍ୟକ | ମେ ମାସରେ କ୍ଷେତ କୁ ୨-୩ ଓର ଗଭୀର ହଳ କରି  ମାଟି ଖରା ଖାଇବାକୁ ଛାଡ଼ିଦେବା ଦରକାର | ପ୍ରଥମ ବର୍ଷା ହେଲା ପରେ କ୍ଷେତରେ ୫-୬ ଟନ ଶଢା ଗୋବର ଖତ ଓ ୧୦୦ କିଲୋଗ୍ରାମ  ଜିଆଖତ ମିଶାଇ ହଳ କରି ଜମି ସମତୁଲ କରିବାକୁ ହେବ |

**ଚାରା ରୋପଣ:**

ଜୁଲାଇ ମାସ ମଧ ଭାଗରେ ମୁଖ୍ୟ କ୍ଷେତରେ ଚାରା କୁ ଚାରା ୩୦ ସେ. ମି. ଓ ଧାଡି କି ଧାଡି ୪୫ ସେ. ମି. ଦୂରତ୍ୱ ରେ ଚାରା ରୋପଣ କରିବାକୁ ହେବ |

**ଜଳସେଚନ:**

ସର୍ପଗନ୍ଧା ଚାରା ରୋପଣ ଠାରୁ ଅମଳ ହେବ ପର୍ଯନ୍ତ ୧୮ ମାସ ସମୟ ଲାଗି ଥାଏ | ଚାରା ରୋପଣ ପରେ ପରେ ସାମାନ୍ୟ ଜଳ ସେଚନ ଆବଶ୍ୟକ ପଡିଥାଏ | ଯଦିଓ ବର୍ଷା ସମୟ ସମୟରେ ହେଉଥାଏ ତେବେ ଜଳସେଚନ ର ଆବଶ୍ୟକତା ପଡ଼ିନଥାଏ | ବର୍ଷା ଠିକ ସମୟରେ ନହେଲେ ତାହେଲେ ୧୫-୨୦ ଦିନ ଅନ୍ତରରେ ଜଳସେଚନ କରାଯାଏ |

**କୀଟନାଶକ:**

ଯଦି ଫସଲରେ ରୋଗ ପୋକ ଆକ୍ରାନ୍ତ ହୁଏ ତେବେ ନିମତେିଲ, କରଞ୍ଜତେିଲ, ଗୋମୂତ୍ର ସମ ପରିମାଣ ର ନେଇ ଏବଂ ସେଥିରେ ଡିଟରଜେଣ୍ଟ ମିଶାଇ କ୍ଷେତରେ ପ୍ରୟୋଗ କରିଲେ ରୋଗପୋକ ନଷ୍ଟ ହୋଇଯାଇଥାଏ |

**ଘାସ ବାଛିବା:**

ପ୍ରତି ୩୦ ଦିନରେ ଥରେ ଘାସ ଓ ଅନାବନା ଗଛ ଗୁଡିକ କ୍ଷେତରୁ ସଫାକରିବା ଦରକାର କିନ୍ତୁ ଧ୍ୟାନ ଦେବା ଦରକାର ଯେପରି ମୁଖ୍ୟ ଫସଲ ଯେପରି ନଷ୍ଟ ନହୁଏ |

**ଅମଳ:**

ପାୟ ୧୮ ମାସ ପରେ ଏହା ଅମଳ କରାଯାଏ | ଅମଳ ୭ ଦିନ ପୂର୍ବରୁ କ୍ଷେତରେ ଜଳସେଚ କରାଯାଏ ନାହିଁ କାରଣ ଜମି କାଦୁଅ ଥିଲେ ଅମଳରେ ଅସୁବିଧା ହୋଇଥାଏ | ଯେହେତୁ ଏହାର ଚେର ହିଁ ମୁଖ୍ୟ ତେଣୁ ଧ୍ୟାନ ର ସହିତ ଖୋଳିବା ଦରକାର ଯେପରି ଏହାର ଚେର ମାଟିରେ ଛିଡ଼ିକରି ରହିନଯାଏ | ହେକ୍ଟର ପ୍ରତି ପ୍ରାୟ ୭ -୯ କୁଇଣ୍ଟାଲ ଶୁଖିଲା ଚେର ଅମଳ ହୋଇଥାଏ |

**ଅମଳ ପରବର୍ତ୍ତୀ ଯତ୍ନ:**

ଅମଳ ପରେ ଚେର ଗୁଡିକୁ କାଣ୍ଡରୁ କାଟି ଅଲଗା କରାଯାଏ | ଉକ୍ତ ଚେର ଗୁଡିକୁ ଭଲ ଭାବରେ ପାଣିରେ ଧୋଇ ସଫାକରି ମୋଟା ଓ ସରୁ ଚେର ହିସାବରେ ଅଲଗା କରାଯାଏ | ତାହାପରେ ଚେର ଗୁଡିକୁ ୧୨-୧୫ ସେ. ମି. ଆକାରରେ ଛୋଟ ଛୋଟ ଖଣ୍ଡରେ କାଟି ଶୁଖାଯାଇଥାଏ | ଏହା ସମ୍ପୂର୍ଣ ଶୁଖିଗଲା ପରେ ପଲିଥିନ ଥଳୀରେ ସରଣକ୍ଷଣ କରି ରଖାଯାଏ |

**ବ୍ୟୟ ଅଟକଳ:**

**୧. ବ୍ୟୟ**

| **କ୍ରମିକ ନମ୍ବର** | **ଖର୍ଚ୍ଚ ବିଶେଷ** | **ପରିମାଣ** | **ଟଙ୍କା ର ପରିମାଣ** |
|---|---|---|---|
| ୧ | ମଞ୍ଜି | ୮ କିଲୋଗ୍ରାମ | ୩୬,୦୦୦ |
| ୨ | ମୁଖ୍ୟ କ୍ଷେତ ପ୍ରସ୍ତୁତି | | ୫,୨୫୦ |
| ୩ | ଗୋବର ଖତ | ୬ ଟନ | ୩,୫୦୦ |
| ୪ | ଜିଆ ଖତ | ୧୦୦ କେ. ଜି | ୮ ୦୦ |
| ୫ | ଜଳସେଚନ | | ୩,୦୦୦ |
| ୬ | ଘାସ ବଛା | | ୩,୦୦୦ |

| | | | |
|---|---|---|---|
| ୭ | କୀଟନାଶକ | | ୨,୫୦୦ |
| ୮ | ଅମଳ | | ୫,୦୦୦ |
| | | **ମୋଟ** | **୫୯,୦୫୦ ଟଙ୍କା** |

**୨. ଆୟ**

| **ଅମଳ** | **ପରିମାଣ** | **କିଲୋଗ୍ରାମ ପ୍ରତି ମୂଲ୍ୟ** | **ଟଙ୍କା ର ପରିମାଣ** |
|---|---|---|---|
| ସର୍ପଗନ୍ଧା ଚେର | ୭୦୦ କିଲୋଗ୍ରାମ | ୭୩୦ ଟଙ୍କା | ୫,୧୧,୦୦୦ ଟଙ୍କା |
| ମଞ୍ଜି | ୬୦ କିଲୋଗ୍ରାମ | ୪,୫୦୦ ଟଙ୍କା | ୨,୭୦,୦୦୦ ଟଙ୍କା |
| | | **ମୋଟ** | **୭,୮୧,୦୦୦ ଟଙ୍କା** |